# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 24 July– 2026

---

## ବାହୁଡାଯାତ୍ରା

ପୁରୀରେ ଆଜି ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହେଉଛି। ନବଦିନାତ୍ମକ ଯାତ୍ରା ଶେଷ କରି ଜନ୍ମବେଦୀରୁ ରତ୍ନବେଦୀକୁ ବାହାରିବେ ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀଗୁଣ୍ଡିଚା ମନ୍ଦିରରେ ଗତକାଲି ରାତିରେ ପହୁଡନୀତି କରାଯାଇ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଖଣ୍ଡୁଆ ସମ୍ପନ୍ନ ହୋଇଥିଲା । ବାହୁଡାଯାତ୍ରା ପାଇଁ ଆଜି ଭୋରରୁ ମଙ୍ଗଳ ଆରତୀ, ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ ଓ ଦ୍ୱାରପାଳ ପୂଜା କରାଯାଇ ଡୋରଲାଗି ନୀତି କରାଯାଉଛି । ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୨ଟା ୩୦ ମଧ୍ୟରେ ବାହୁଡା ପହଣ୍ଡି କରାଯିବ । ଅପରାହ୍ନ ୩ଟା ୩୦ରେ ଛେରାପହଁରା ନୀତି ସହ ଚାରମାଳ ଫିଟା ଯାଇ ଘୋଡା ଯୋଚାଯିବ ଏବଂ ଅପରାହ୍ନ ପ୍ରାୟ ୪ଟାବେଳେ ରଥଟଣା ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ବାହୁଡାଯାତ୍ରାକୁ ଶୃଙ୍ଖଳିତଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ବେଳେ ଗତ ସନ୍ଧ୍ୟାରୁ ଟ୍ରାଫିକ କଟକଣା ଲାଗୁ ହୋଇଛି ।

ଆସନ୍ତାକାଲି ମହାପ୍ରଭୁଙ୍କ ସୁନାବେଶ ଏବଂ ସୋମବାର ଦିନ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ ।

---

## ବାହୁଯାତ୍ରା-କେନ୍ଦ୍ରାପଡା

କେନ୍ଦ୍ରାପଡା ତୁଳସୀକ୍ଷେତ୍ରରେ ଆଜି ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହେବ । ଗତକାଲି ସନ୍ଧ୍ୟା ନବମୀରେ ଦେବନୀତି ସମ୍ପନ୍ନ ହୋଇଥିଲା ।

## ପିଏମ୍-ପ୍ରଶ୍ନପତ୍ର ପ୍ରଘଟ ମାମଲା

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ଏକ ସାମାନ୍ୟ ପ୍ରସଙ୍ଗ ନୁହେଁ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଲାଗି ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଏହି ପ୍ରସଙ୍ଗରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ହେବାକୁ ଥିବା କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ । ଅନ୍ୟ ସଦସ୍ୟଙ୍କ ସହ ବିଚାରବିମର୍ଶ ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ । ଆସନ୍ତା ସୋମବାର ମୌସୁମୀ ଅଧିବେଶନର ଦ୍ୱିତୀୟ ସପ୍ତାହ ଆରମ୍ଭ ହେଉଥିବାରୁ ଏ ନେଇ ବିଲ୍ ଆଗତ କରାଯାଇ ସଂସଦରେ ପାରିତ ପାଇଁ ଉଦ୍ୟମ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି **-V/O-**

ଏହି ମାମଲାର ତ୍ୱରିତ ବିଚାର ପାଇଁ ଗତକାଲି ପ୍ରଧାନମନ୍ତ୍ରୀ ଫାଷ୍ଟଟ୍ରାକ କୋର୍ଟ ସ୍ଥାପନ ପାଇଁ ଘୋଷଣା କରିଥିଲେ। ଏ ନେଇ ଚିଠା ପ୍ରସ୍ତାବ ଦାଖଲ କରାଯାଇଛି । ଅପରପକ୍ଷରେ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ

ଅନଶନ କରୁଥିବା ସୋନମ ଓ୍ୱାଙ୍ଗଚୁକ ଗତକାଲି ବିଳମ୍ବିତ ରାତିରେ ଅନଶନ ଭାଙ୍ଗିଛନ୍ତି । କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ଡକ୍ଟର ଜିତେନ୍ଦ୍ର ସିଂଙ୍କ ସହ ଆଲୋଚନା ପରେ ଶ୍ରୀ ଓ୍ୱାଙ୍ଗଚୁକ୍ ଅନଶନରୁ ଓହରିଥିବା ଜଣାପଡିଛି ।

---

## ବୁଝାମଣାପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏ.ଆଇ. ଡାଟା ସେଣ୍ଟର ପାର୍କ, ବିଶ୍ୱସ୍ତରୀୟ ଯୋଗାଣ କେନ୍ଦ୍ର ପ୍ରତିଷ୍ଠାପାଇଁ ଏଚ୍.ସି.ଏଲ୍. ଟେକ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ୭୩୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ହେବାକୁ ଥିବା ଏହି ପ୍ରକଳ୍ପ ଯୋଗୁଁ ରାଜ୍ୟରେ ଯୁବଗୋଷ୍ଠୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

---

# କ୍ଷେପଣାସ୍ତ୍ର ସଫଳ ପରୀକ୍ଷା

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆରଡିଓ ପକ୍ଷରୁ ବାଲେଶ୍ୱର ଏ.ପି.ଜେ. ଅବଦୁଲ କଲାମ ଦ୍ୱୀପରୁ 'କୁଶ' କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ କରାଯାଇଛି । ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରି ପାରୁଥିବା ଏହି କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସମସ୍ତ ଲକ୍ଷ୍ୟ ସଫଳତା ସହ ପୂରଣ କରିଛି । ଏହି କ୍ଷେପଣାସ୍ତ୍ରର ଯୁଦ୍ଧ ବିମାନ, ମାନବ ବିହୀନ ଆକାଶଯାନ ଏବଂ ବୃହତ ଶତ୍ରୁ ବିମାନ ସମେତ ବିଭିନ୍ନ ପ୍ରକାର ଲକ୍ଷ୍ୟକୁ ବ୍ୟାପକ ଦୂରତା ଓ ଉଚ୍ଚତା ସୀମା ମଧ୍ୟରେ ଧ୍ୱଂସ କରିବାର କ୍ଷମତା ରହିଛି ।

---

# ନୂତନ ପଦବୀ

ରାଜ୍ୟରେ ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ୧୫୨ଟି ନୂତନ ପଦବୀକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଛି । ଏଥିରେ ଅଧ୍ୟାପକ, ସହାୟକ ଅଧ୍ୟାପକ, ସିନିୟର ରେସିଡେନ୍ସ ଆଦି ପଦବୀଗୁଡିକୁ ଅନୁମୋଦନ ମିଳିଛି ।

# ଋଣ ବିତରଣ କାର୍ଯ୍ୟକ୍ରମ

ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଋଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ୧କୋଟି ଟଙ୍କାର ଋଣ ସ୍ୱୀକୃତି ପ୍ରଦାନ କରାଯାଇଛି ।

# ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବିଧାୟକ ନରସିଂହ ଭତ୍ରା ଉମରକୋଟ୍ ଅଞ୍ଚଳରେ ତିନୋଟି ସଡକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିପାଇଁ ୯କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ଧାମନଗର ମହାବିଦ୍ୟାଳୟରେ ସାଇବର ଅପରାଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସାଇବର ଥାନାଧିକାରୀ ବିଭିନ୍ନ ସାଇବର ଅପରାଧର ମୁକାବିଲା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ ।

---

## ଆୟକର ଦିବସ

ଦେଶର ଅର୍ଥନୀତି ଓ ବିକାଶ ପ୍ରକ୍ରିୟାରେ ଆୟକରର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଆୟକର ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ ଦ୍ୱାରା ଏହି ଦିବସକୁ ଆନୁଷ୍ଠାନିକଭାବେ ପାଳନ କରାଯାଉଛି ।

---

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ  ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରତିଯୋଗିତାର ପ୍ରଥମ ଦିନରେ ଗତକାଲି ଭାରତର ଲଭ୍‌ଲିନା ବୋର୍ଗୋହାଇଁ ୭୫କିଲୋଗ୍ରାମ ମୁଷ୍ଟି ଯୁଦ୍ଧର ମିଡିଲି ୱେଟ ବର୍ଗରେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବା ସହ ଭାରତ ପାଇଁ ଗୋଟିଏ ପଦକ ନିଶ୍ଚିତ କରିଛନ୍ତି ।

---

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।